# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାଉଦ ରାଜା

## (ଦ୍ୱିତୀୟ ଭାଗ)

ଲେଖକ: Edward Hughes
ଅନୁବାଦକ: Prasanta Bhuyan
ଦୃଷ୍ଟାନ୍ତ: Lazarus
ଉପଯୋଜକ: Ruth Klassen

କାହାଣି ୬୦ ରୁ ୬୧

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ | Oriya

ଦାଉଦ ଦକ୍ଷିଣ
ଇସ୍ରାଏଲ, ଯିହୁଦାର
ରାଜା ଥିଲେ । କିନ୍ତୁ
ବାକି ସମସ୍ତ ଇସ୍ରାଏଲ୍
ଶାଉଲଙ୍କ ପୁତ୍ର
ଇଶବୋଶତଙ୍କ
ଅଧିନରେ ଥିଲା,
ସେ ତାହାର
ରାଜା ଥିଲା ।



1

ସେହିସମୟରେ ସାତବର୍ଷ
ପର୍ଯ୍ୟନ୍ତ ଯୁଦ୍ଧ ହେଲା, ଓ
ଦାଉଦ ବେଳକୁ ବେଳ
ବଳବାନ୍ ହେବାକୁ
ଲାଗିଲେ ।



2

ପରିଶେଷରେ ରାଜା ଇଶବୋଶତ ନିଜର ଦୁଇଟି ସୈନିକମାନଙ୍କ ଦ୍ୱାରା ମାରାଗଲେ ।



3

ତାହାପରେ ଇସ୍ରାଏଲର ସମସ୍ତ ଗୋଷ୍ଠି ଦାଉଦଙ୍କ ନିକଟକୁ ଆସି ତାହାଙ୍କୁ ଇସ୍ରାଏଲର ରାଜା ଭାବରେ ଅଭିଶିକ୍ତ କଲେ । ପରିଶେଷରେ ଦାଉଦ ସମସ୍ତ ଇସ୍ରାଏଲ୍ ଦେଶ ଉପରେ ରାଜାହେଲେ ।



4

ରାଜା ଦାଉଦଙ୍କର ପ୍ରଥମ କାର୍ଯ୍ୟ ଥିଲା ଯିରୁଶାଲମକୁ ଅକ୍ତିଆର କରିବା । ପରେ ଏହା ଦାଉଦ ନଗର ଭାବରେ କ୍ଷାତି ଲାଭକଲା । ସେ ଏହାକୁ ଶତୃମାନଙ୍କ ବିରଦ୍ଧରେ ଅତ୍ୟଧିକ ଶକ୍ତକରି ଗଢ଼ିଲେ । ଯିରଶାଲମରୁ, ଦାଉଦଙ୍କ ସୈନ୍ୟ ପଲେଷ୍ଟିୟମାନଙ୍କୁ ଓ ଇସ୍ରାଏଲର ଅନ୍ୟ ଶତୃମାନଙ୍କୁ ଜୟ କରିବାକୁ ଗଲେ ।



5

ତାହାପରେ, ରାଜା ଦାଉଦ ଯୀରିଶାଲମକୁ ଯୀରୁଶାଲମକୁ ନିୟମ ସିନ୍ଦୁକ ଆଣିଲେ । ନିୟମ ସନ୍ଦୁକ ଭିତରେ ଦଶ ଆଜ୍ଞାର ନକଲ କପି ଥିଲା ଏବଂ ଅନ୍ୟ ନିୟମଗୁଡ଼ାକ ଯାହା ସଦାପ୍ରଭୁ ମୋଶାଙ୍କୁ ଦେଇଥିଲେ ।



6

ସେହି ନିୟମ ସିନ୍ଦୁକ ଇସ୍ରାଏଲୀୟ ମାନଙ୍କୁ ସଦାପ୍ରଭୁଙ୍କ ପବିତ୍ର ଓ ସେମାନେ ଯେ ସଦାପ୍ରଭୁଙ୍କର ଆଜ୍ଞାବହ ହେବାକୁ ମନେପକାଇଦିଏ ।



7

ଦାଉଦଙ୍କ ରାଜ୍ୟକରିବା ଆରମ୍ଭରେ ତାଙ୍କୁ ଅନେକ ଦେଶ ସହିତ ଯୁଦ୍ଧ କରିବାକୁ ପଡ଼ିଲା । ସେ ଏକ ବୁଦ୍ଧିମାନ୍ ସୈନ୍ୟ ଥିଲେ ଏବଂ ନମ୍ରଲୋକ ଯେ ସଦାପ୍ରଭୁଙ୍କୁ ଅନୁଗ୍ରହ ନିମନ୍ତେ ପ୍ରାର୍ଥନା କଲେ ।



8



ଦାଉଦ ସୁନ୍ଦର ଅଟାଳିକାରେ
ରହିଲେ ମାତ୍ର ସଦାପ୍ରଭୁଙ୍କ ନିୟମ
ସିନ୍ଦୁକ ଏକ ତମ୍ବୁରେ ରଖାଗଲା,
ଏହା ଦାଉଦଙ୍କୁ ବ୍ୟସ୍ତକଲା ।

9



ଦାଉଦ ଏକ ଗୃହ ନିର୍ମାଣ
କରିବାକୁ ମନସ୍ତ କଲେ ।
ନାଥାନ୍, ଯେ ଭବିଷ୍ୟତବକ୍ତା
ଥିଲେ ସେ ମଧ୍ୟ
ତାଙ୍କ ଯୋଜନାରେ
ସହମତ ହେଲେ ।

10



ସେହି ରାତ୍ରୀରେ
ସଦାପ୍ରଭୁ ଦାଉଦଙ୍କ
ନିକଟକୁ ତାଙ୍କ ସମ୍ବାଦ ପ୍ରେରଣ
କଲେ । ମୋହର ଦାସ ଦାଉଦ, ସଦାପ୍ରଭୁ ନିଜେ ଏକ ଗୃହ ନିର୍ମାଣ କରିବେ ମାତ୍ର ତୁମ୍ଭ
ହାତରେ ନୁହେଁ, ତୁମ୍ଭର ମୃତ୍ତୁ ପରେ ତୁମ୍ଭର ପୁତ୍ର ଯେ ତୁମ୍ଭସ୍ଥାନରେ ରାଜା ହେବ ସେ
ମୋ ନାମରେ ଏକ ଗୃହ ନିର୍ମାଣ କରିବ । ତାଙ୍କ ରାଜତ୍ୱ ଚ଼ିରକାଳ ସ୍ଥାୟୀ ହେବ ।

11

ଶାଉଲଙ୍କ ପରବାର ମଧ୍ୟରୁ ବଞ୍ଚିଥିବା ଲୋକମାନଙ୍କୁ ଦାଉଦ
ସାହାଯ୍ୟ କରିବାକୁ ଚହିଁଲେ । ସେ କେବଳ ଯୋନାଥନର ପୁତ୍ରଙ୍କୁ
ପାଇଲେ, ମଫୀବୋଶତ୍ ଯେ କି ଛୋଟା ଥିଲେ । ଦାଉଦ
କହିଲେ, ସେ ମୋ ମେଜରେ ବସି ଅନ୍ୟ
ରାଜପୁତ୍ର ମାନଙ୍କ ସମ ଭୋଜନ କରିବ ।
ଯୋନାଥନ ଦାଉଦଙ୍କ ଉତ୍ତମ ବନ୍ଧୁ
ଥିବାରୁ ସେ ମଫୀବୋଶତକୁ
ଦୟା କଲେ ।



12



ଯେତେସମୟ ପର୍ଯ୍ୟନ୍ତି ଦାଉଦ ସଦାପ୍ରଭୁଙ୍କ
ଉପରେ ନିର୍ଭର କଲେ ଓ ତାଙ୍କ ଆଜ୍ଞା ମାନିଲେ,
ସେହିପରି ସଦାପ୍ରଭୁ ଦାଉଦଙ୍କୁ ସଫଳ ହେବାକୁ
ସାହାଯ୍ୟ କଲେ । କିନ୍ତୁ ଦିନକର ଘଟନା,
ଦାଉଦଙ୍କ ଜୀବନରେ ଏକ ଭୟଙ୍କର ଦୁଃଖ
ଆସିଲା । ସେ ତାଙ୍କ ସୌନ୍ୟଦଳକୁ ବାହାରେ
ଯୁଦ୍ଧ କରିବାକୁ ପଠାଇଲେ, ମାତ୍ର ସେ
ଯିରୁଶାଲମରେ ରହିଲେ ।

13



ଏକ ରାତ୍ରୀରେ, ସେ
ଶୋଇପାରିଲେ ନାହିଁ ତେଣୁ
ସେ ରାଜଗୃହର ଛାତ ଉପରେ
ବୁଲିବା ସମୟରେ ନଗର
ଆଡ଼େ ଅନାଇ ଦେଖିଲେ ।

14

ଦାଉଦ ଏକ ସୁନ୍ଦରି ସ୍ତ୍ରୀ ସ୍ନାନ କରୁଥିବା ଦେଖିଲେ । ତାହାର ନାମ ବେତ୍‌ଶେବା ଥିଲା । ଦାଉଦ ତାଙ୍କ ସହିତ ପାପ କଲେ ଯଦ୍ୟପି ତାଙ୍କ ସ୍ୱାମି, ଉରିୟ, ସେ ଦାଉଦଙ୍କ ବାହାଦୁର୍ ସୌନ୍ୟମାନଙ୍କ ମଦ୍ୟରୁ ଜଣେ ଥିଲେ ।



15

ଯେତେବେଳେ ବତ୍‌ଶେବା ସେ ଯେ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି ତାହା ଜଣାଇଲେ । ଦାଉଦ ଜାଣିଥିପାରିଲେ ତାଙ୍କର ପାପ ତାଙ୍କ ନିମନ୍ତେ ସମସ୍ୟାର କାରଣ ଅଟେ ।



16



ସେ ସଦାପ୍ରଭୁଙ୍କ ଆଗରେ ନିଜକୁ ନମ୍ର କଲାନାହିଁ ମାତ୍ର ତାହା ବଦଳରେ ସେ ସେହି ପାପକୁ ଢାଙ୍କି ରଖିବାକୁ ଚେ଼ଷ୍ଟାକଲେ । ତାହା କଦାପି ହୁଏନାହିଁ । ସେ ଉରିୟକୁ ଯୁଦ୍ଧକ୍ଷେତ୍ରରୁ ନିଜ ଗୃହକୁ ପଠାଇବା ଉଦ୍ଧେଶ୍ୟରେ ଡାକିଲେ । ଯେପରି ଉରୟ ସେହି ଜନ୍ମନେବାକୁ ଯାଉଥିବା ସନ୍ତାନଟି ମୋହର ଭାବିବେ । କିନ୍ତୁ ଯୁଦ୍ଧ ସମୟରେ ସେ ନିଜ ଗୃହକୁ ଯିବେନାହିଁ ବୋଲି ଉରିୟ କହିଲେ । ଉରିୟ ରାଜାଙ୍କ ଦ୍ୱାର ପାଖରେ ଶୋଇଗଲେ ।

17

ତେଣୁ ଦାଉଦ ତାହାଠାରୁ ମଧ୍ୟ ଅତ୍ୟଧିକ ଦୁଷ୍ଟତାର କାର୍ଯ୍ୟ କଲେ । ସେ ଉରିୟକୁ ଫେରି ଯୁଦ୍ଧକ୍ଷେତ୍ରକୁ ଏକ ପତ୍ରସହ ପଠାଇଲେ । ସେହି ପତ୍ର ସେନାଧିକ୍ଷଙ୍କ ନିମନ୍ତେ ଏକ ଆଜ୍ଞା, ଯୁଦ୍ଧକ୍ଷେତ୍ରରେ ଉରିୟର ମୃତୁ ହେବା ଆବଶ୍ୟକ । ଯେତେବେଳେ ଉରିୟ ମରିଗଲେ, ଦାଉଦ ବତଶେବାକୁ ନିଜର ସ୍ତ୍ରୀ କରି ନେଇଗଲେ ।



18

ଦାଉଦଙ୍କୁ ତାଙ୍କର ପାପ ଦାଖାଇବା ନିମନ୍ତେ ସଦାପ୍ରଭୁ ନିଜର ଏକ ଦାସ, ନାଥାନ୍‌ଙ୍କୁ ପ୍ରେରଣ କଲେ । ନାଥାନ୍ ଦାଉଦଙ୍କୁ ଜଣେ ଧନୀ ଓ ଦରିଦ୍ର ଲୋକ ବିଷୟରେ ଏକ କାହାଣି କହିଲେ । ଧନୀଲୋକଙ୍କ ପାଖରେ ପ୍ରଚୁର ଗୋମେଷାଦି ପଲ ଥିଲେ । କିନ୍ତୁ ସେହି ଦରିଦ୍ର ଲୋକଙ୍କ ପାଖରେ ମାତ୍ର ଗୋଟିଏ ଛୋଟିଆ ମେଷବତ୍ସ୍ୟା ଥିଲା, ତାହା ଲୋକର କନ୍ୟା ତୁଲ୍ୟ ଥିଲା ।



19

ଯେତେବଳେ ଏକ ଯାତ୍ରୀ ସେହି ଧନୀଲୋକ ନିକଟକୁ ଆସିଲେ, ସେହି ଧନୀ ଲୋକକୁ ଖୁଆଇବାକୁ ନିଜ ପଲରୁ ନେବାକୁ କୁଣ୍ଠିତ ହେଲା, ବଦଳରେ ସେ ସେହି ଦରିଦ୍ର ଲୋକର ମେଷବତ୍ସାଟିକୁ ନେଇ ମାରିଲା ।



20

ଏଥିରେ ସେହି ଧନୀଲୋକର ସ୍ୱାର୍ଥପରତା ଦେଖି ତାଙ୍କ ପ୍ରତିକୂଳରେ ଦାଉଦଙ୍କ କ୍ରୋଧ ପ୍ରଜ୍ୱଳିତ ହେଲା । ଯେଉଁ ବ୍ୟକ୍ତି ଏହା କରିଅଛି ସେ ନିଶ୍ଚିତ ମରିବ । ଦାଉଦ କହିଲେ ।



21

ତୁମ୍ଭେ ସେହି ଲୋକ, ନିର୍ଭିକ ନାଥାନ୍ ଦାଉଦଙ୍କୁ କହିଲେ । କାହାଣିରେ ଧନୀଲୋକ କରିଥିବା କାର୍ଯ୍ୟ ଅପେକ୍ଷା ଦାଉଦଙ୍କର କାର୍ଯ୍ୟ ଅତି ଗୁରୁତର ଥିଲା ।



22

ସଦାପ୍ରଭୁ ଦାଉଦଙ୍କୁ ଦେଖାଇଲେ ଯେ ସେ କିପ୍ରକାର ଦୁଷ୍ଟ ଅଟନ୍ତି । ଦାଉଦ ନିଜ ପାପ ନିମନ୍ତେ ଦୁଃଖିତ ହେଲେ । ସେ ସଦାପ୍ରଭୁଙ୍କୁ କହିଲେ, ମୁଁ ଏହି ଖରାପ କାର୍ଯ୍ୟକରି ତୁମ୍ଭ ବିରୁଦ୍ଧରେ ପାପ କରିଅଛି । ସଦାପ୍ରଭୁ ଦାଉଦଙ୍କ ପାପ କ୍ଷମାକଲେ । କିନ୍ତୁ ବତ୍ଶେବାର ପୁତ୍ର ଅତି ଅସୁସ୍ଥ ଥିଲେ, ସେ ଜନ୍ମ ହେବାର କେତେଦିନ ପରେ ମରିଗଲା ।



23

ଭୟାନକ ପାପ ସତ୍ତ୍ୱେ ସଦାପ୍ରଭୁ ଦାଉଦଙ୍କୁ କ୍ଷମା କଲେ । ତାହାପରେ ବତ୍ଶେବାଙ୍କର ଅନ୍ୟ ଏକ ସନ୍ତାନ ଜାତ ହେଲା, ଶଲୋମନ, ଯେ କି ଦାଉଦଙ୍କ ଉତ୍ତାରେ ଏକ ମହାନ ରାଜା ହେବେ । କିନ୍ତୁ ଦାଉଦ ରାଜାଙ୍କର ଅନେକ ମନ୍ତାନ ଥିଲେ, କେତେକ ରାଜାଙ୍କ ନିମନ୍ତେ ଅତ୍ୟଧିକ ଦୁଃଖ ଆଣିଲେ ।



24

ଦାଉଦ ରାଜା (ଦ୍ୱୀତୀୟ ଭାଗ)

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଦ୍ୱିତୀୟ ଶାମୁୟେଲ ୧-୧୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।